# Akashvani, Sambalpur

## SAMBALPURI NEWS BULLETIN

**29 July 2024- 6.47- 6.52 am.**

************************************************

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ନିଜର୍ ସଂସ୍କୃତିକେ ନେଇକରି ଗର୍ବ କଲେ ଦେଶ୍ ଆଗ୍‌କେ ବଢ଼ିପାର୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କୁ ସମ୍ବୋଧିତ୍ କରିକରି ପ୍ରଧାନ୍‌ମନ୍ତ୍ରୀ ସାର୍ବଜନିକ କଳା ଉପ୍‌ରେ ଅଏତ୍‌କା କାମ୍ କର୍‌ବାର୍‌କେ କଳା ଆଉ ସଂସ୍କୃତିପ୍ରେମୀ ମାନ୍‌କୁ ପରାମର୍ଶ ଦେଇଛନ୍ । ତାଙ୍କର୍ ସମ୍ବୋଧନ୍‌ଥି ଦେଶର୍ କଳା ସଂସ୍କୃତିର୍ ଲାଗି ନିଆଯାଇଥିବା ପଦକ୍ଷେପ୍ ପବ୍ଲିକ୍ ଆର୍ଟ ଅଫ୍ ଇଣ୍ଡିଆ - ପରି ପରିଯୋଜନା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ହସ୍ତତନ୍ତକେ ଆଗ୍‌କେ ବଢ଼ାବାର୍ ଲାଗି ଦେଶର୍ ଭିନ୍ ଭିନ୍ ଜାଗା ନ ହସ୍ତତନ୍ତ କାରିଗର୍‌ମାନ୍‌କର୍ କାମ୍‌ର ପ୍ରଶଂସା କର୍‌ବାର୍

ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ଭାଷଣ୍‌ଥି ଓଡ଼ିଶାର୍ ସମ୍ବଲ୍‌ପୁରୀ ଶାଢ଼ୀର୍ କଥା କହିଛନ୍ ।

ଆଏବା ଅଗଷ୍ଟ ମାସର୍ ୭ ତାରିଖ୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ ହେବାର୍‌କେ ଯାଉଥିବାର୍ ବେଲେ ନିଜର୍ ଇଲାକାର୍ ସାମାନ୍‌କେ ସାମାଜିକ୍ ଗଣମାଧ୍ୟମ୍‌ଥି 'ହେସ୍‌ଟେଗ୍ ମାଇଁ ପ୍ରଡକ୍ଟ ମାଇଁ ପ୍ରାଇଡ୍'  ସାଙ୍ଗେ ଅପ୍‌ଲୋଡ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ କରିଛନ୍ ।

କେନ୍ଦ୍ର କୁଇଲା ମନ୍ତ୍ରୀ -ସମ୍ବଲପୁର            ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର କୁଇଲା ଆଉ ଖଣି ରାଷ୍ଟ୍ରମନ୍ତ୍ରୀ ଗଲାକାଏଲ୍ ମହାନଦୀ କୁଇଲା କମ୍ପାନୀ- ଏମ୍‌ସିଏଲ୍‌ର ସମୀକ୍ଷା କରିଛନ୍ । ଏମ୍‌ସିଏଲ୍‌ର ବୁର୍ଲା ମୁଖ୍ୟାଲୟ ଠାନେ ଗୁଟେ ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ କମ୍ପାନୀର୍ କୁଇଲା ଉତ୍ପାଦନ୍ ଆଉ ଅଭିବୃଦ୍ଧି ବାବ୍‌ଦେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଏମ୍‌ସିଏଲ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ୪ ଟା ବୁଝାମଣା ପତ୍ର ସ୍ୱାକ୍ଷର୍ କରାଯାଇଥିଲା । ଇଥି ସମ୍ବଲପୁର୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ସର୍‌କାରୀ ସ୍କୁଲ୍‌ମାନ୍‌କେ ୫ ଶହ ଟା

ଡିଜିଟାଲ୍ କ୍ଲାସ୍‌ରୁମ୍ ତିଆର୍ କରାଯିବା । ଇଥିର୍‌ଲାଗି ୧୭ କୋଟି ୬ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ହେନ୍ତା ଝାର୍‌ସୁଗୁଡ଼ା ଜିଲ୍ଲାର୍ ୩୦ ଟା ସ୍କୁଲ୍ ନ ବିଜ୍ଞାନ୍ ଏସ୍.ଟି.ଇ.ଏମ୍. ସଲ୍ୟୁସନ୍ ପ୍ରକଳ୍ପ ଲାଗି ଭିଲ୍ ଏମ୍‌ସିଏଲ୍ ସାହାଜ୍ କର୍‌ବା ବଲି ଜନାପଡ଼ିଛେ ।

ଷ୍ଟାର୍ଟଅପ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ପଞ୍ଜିକରଣ୍ ହେଇଥିବା ଷ୍ଟାର୍ଟଅପ୍ ସଂଖ୍ୟା ୧ ଲାଖ୍ ୪୦ ହଜାର୍‌କେ ବଢ଼ିଛେ ବଲି ବାଣିଜ୍ୟ ଆଉ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ୍ ରାଜ୍ୟସଭାଥି କହିଛନ୍ । ମହାରାଷ୍ଟ୍ର ନ ସବୁଠାନୁ ଜହ ୨୫ ହଜାର୍ ୪୪ ଷ୍ଟାର୍ଟଅପ୍ ରହିଛେ । ଦେଶେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କେ ତହଁକାବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଉଦ୍ଭାବନ୍ ଆର୍ ଷ୍ଟାର୍ଟଅପ୍‌କେ ବଢ଼ାବାର୍ ଲାଗି କେନ୍ଦ୍ର ସର୍‌କାର୍ ୨୦୧୬ ମସିହା ଜାନୁଆରୀ ୧୬ ତାରିଖ୍ ଦିନ ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ୍ ଆରମ୍ଭ କରିଥିଲେ । ଇତାର୍‌ସହେତେ ଷ୍ଟାର୍ଟଅପ୍ ଇଣ୍ଡିଆ ‘ବି ୱେ ଏହେଡ୍’ ଯୋଜ୍‌ନା କରାଯାଇଛେ ବଲି ମନ୍ତ୍ରୀ ଗୁଟେ ଲିଖିତ୍ ଉତର୍‌ଥି କହିଛନ୍ ।

ହସ୍ତତନ୍ତ ପୁରସ୍କାର୍- ଧର୍ମେନ୍ଦ୍ର ପ୍ରଧାନ୍     ଆର୍‌ଏନ୍‌ୟୁ /ସମ୍ବଲପୁର

ହସ୍ତତନ୍ତ କ୍ଷେତ୍ର ନ ସନ୍ଥ କବୀର ପୁରସ୍କାର୍ ପାଇଥିବାର୍ ଓଡ଼ିଶାର୍ ବୁଣାକାର୍‌ମାନ୍‌କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଅଭିନନ୍ଦନ୍ ଜନେଇଛନ୍ । ଇ ସମ୍ମାନ୍ ଓଡ଼ିଶାର୍ ପାରମ୍ପାରିକ୍ ହସ୍ତତନ୍ତକେ ଲୋକପ୍ରିୟ କର୍‌ବାର୍ ସହେତେ ଜାତୀୟ ସ୍ତର୍ ନ ଓଡ଼ିଶାର୍ ନାଁକେ ଆହୁରି ଉଜଲ୍ କର୍‌ବା ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବର୍‌ଗଡ଼୍‌ର ରାମକୃଷ୍ଣ ମେହେର୍ ଆର୍ ହରିଲାଲ୍ ମେହେର୍‌ଙ୍କୁ ୨୦୨୩ ବଛର୍ ଲାଗି ସନ୍ଥ କବୀର୍ ହସ୍ତତନ୍ତ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ ।
ହେନ୍ତା ସୋନ୍‌ପୁର୍ ରସାନନ୍ଦ ମେହେର୍, ଉତମ୍ କୁମାର୍ ମହେର୍ ଆର୍ ଡିଜାଇନର୍ ଶ୍ୟାମସୁନ୍ଦର୍ ମେହେର୍‌ଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର୍ ଲାଗି ବଛାଯାଇଛେ ।

ଆୟକର ରିଟର୍ଣ୍ଣ          ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ଇ ବଛର୍ ଚଲ୍‌ତି ଜୁଲାଇ ମାସର୍ ୨୬ ତାରିଖ୍‌ତକ୍ ୫ କୋଟି ନୁ ଅଏତ୍‌କା ଲୋକ୍ ଆୟକର ରିଟର୍ଣ୍ଣ ଦାଖଲ୍ କରିଛନ୍ ।

ଗଲାବର୍ଷଠାରୁ ୮ ପ୍ରତିଶତ୍ ଅଧିକ ଆୟକର ରିଟର୍ଣ୍ଣ ଦାଖଲ୍ ହେଇଛେ । ୫ କୋଟି ଲୋକ୍ ଇ-ଫାଇଲିଂ ଜରିଏ ସେମାନ୍‌କର୍ ରିଟର୍ଣ୍ଣ ଦାଖଲ୍ କରିଛନ୍ । ଇ ମାସ ଗଲା ୨୬ ତାରିଖ୍ ଦିନ, ଗୁଟେ ଦିନେ ୨ ଦଶ୍‌ମିକ୍ ୮ ନିୟୁତ ନୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ ହେଇଥିବା ଆୟକର ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଅର୍ଥବିଭାଗ୍ ସଚିବ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ରାଜ୍ୟପାଲ୍‌ଙ୍କର୍ ପ୍ରମୁଖ ସଚିବ ଆଉ ଆଇଏଏସ୍ ଅଧିକାରୀ ଶାଶ୍ୱତ୍ ମିଶ୍ରଙ୍କୁ ଅର୍ଥ ବିଭାଗ୍‌ର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଛନ୍ । ସେ ଆଘର୍ ବାଗିର୍ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍‌ର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଭିଲ୍ ତୁଲାବେ । ହେନ୍ତା କେନ୍ଦ୍ରୀୟ ଡେପୁଟେସନ୍‌ନୁ ଫିର୍‌ବାର୍ ଉତ୍‌ରୁ ଆଇଏଏସ୍ ଅଧିକାରୀ ଏନ୍.ବି.ଏସ୍. ରାଜପୁତଙ୍କୁ ରାଜ୍ୟପାଲ୍‌ଙ୍କର୍ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ୧୭ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୨ ଲାଖ୍ ୫୭ ହଜାର୍ ୫୫ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୨୦ ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୩ ଲାଖ୍ ୮ ହଜାର୍ ୭ ଶହ ୬୦ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ପହେଲାକରି ଇ ବଛରର୍ ବଢ଼ି ପାଏନ୍ ନିଷ୍କାସନ୍ ଲାଗି ସ୍ଲୁଇସ୍ ଗେଟ୍ ଖୁଲାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଲଘୁଚାପ୍‌ର ବଲେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ବର୍‌ଗଡ଼୍, ବଲାଙ୍ଗିର୍, ନୂଆପଡ଼ା ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩୧ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା

ନ ଜବର୍ ବର୍ଷା ହେଇପାରେ । ହେଥିର୍‌ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ ତର୍‌ଫୁ ଭିଲ୍ ସବୁ ଜିଲ୍ଲା ପ୍ରଶାସନ୍‌କେ ସତର୍କ କରାଯାଇଛେ ।

ବେଡ଼ମିଂଟନ୍ ପ୍ରତିଯୋଗିତା          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ବେଡ଼ମିଂଟନ୍ ଆସୋସିଏସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭବାନୀପାଟ୍‌ନାଠାନେ ଜିଲ୍ଲା ବେଡ଼ମିଂଟନ୍ ଚମ୍ପିଆନ୍‌ସିପ୍ ମୁଲ୍ ହେଇଛେ । ଇଥି ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍‌ନୁ ଶହେ ୬୦ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଛନ୍ । ଉଦ୍‌ଘାଟନୀ ଉସ୍ଵବ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ ଦର୍‌ୱାନ୍ ଆର୍ ଅଲ୍‌ଗା ସିଆନ୍ ସୁଜନ୍‌ମାନେ କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ତିଥି ଭୋଜନ ଦିବସ୍ କାର୍ଯ୍ୟକ୍ରମ          ବର୍‌ଗଡ଼୍ ସମ୍ବାଦଦାତା

ବରଗଡ଼ ଜିଲ୍ଲା ଭଟଲି ବ୍ଲକ ତେଜାଗୋଲା ପ୍ରାଥମିକ ବିଦ୍ୟାଳୟ ନ ତିଥି ଭୋଜନ ଦିବସ୍ କାର୍ଯ୍ୟକ୍ରମ ହଇଯାଇଛେ । ଇଥି ପ୍ରଧାନ ଶିକ୍ଷକ ଲମ୍ବୋଦର ପ୍ରଧାନଙ୍କର ସଭାପତିତ୍ୱ

କରିଥିଲେ । ଇ ଅବସରେଁ ଛାତ୍ରଛାତ୍ରୀ ମାନକର ଭିତରେଁ ଭିନ ଭିନ ପ୍ରତିଯୋଗିତା ଆର ସାଂସ୍କୃତିକ କାର୍ଯ୍ୟକ୍ରମ ହଇଥିଲା ।